# Akashvani, Sambalpur

## SAMBALPURI NEWS EVENING BULLETIN

## 24 November 2025- 7.02 pm- 7.12 pm.

*********************************************

୧- ସୁପ୍ରିମ୍‌କୋର୍ଟର ୫୩ ତମ ପ୍ରଧାନ୍ ବିଚାର୍‌ପତି ଭାବେ ଶପଥ୍ ନେଲେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ।

୨- ଲୁକ୍‌କୁ ସବୁ ପ୍ରକାରର୍ ମୌଳିକ୍ ସୁବିଧା ଆଉ ସାହାଜ୍ ଦେବାର୍ ଦିଗେ ରାଜ୍ୟ ସର୍‌କାର୍ କାମ୍ କରୁଛନ୍- କହେଲେ ମୁଖ୍ୟମନ୍ତ୍ରୀ ।

- ଭୁବ୍‌ନେଶ୍ୱର୍ ନ ଜନ ଅଭିଯୋଗ୍ ଶୁଣାଣି ଶିବିର୍‌ଥି ଲୁକ୍‌କର୍ ଶୁନ୍‌ଲେ ଅଭିଯୋଗ୍ ।

ଆଉର୍

୩- ସମବାୟ ଆମର୍ ସମାଜ୍‌ର ଅବିଚ୍ଛେଦ୍ୟ ଅଙ୍ଗ - କହେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

- ସମ୍ବଲ୍‌ପୁର୍ ନ ସମବାୟ ସପ୍ତାହ ସମାରୋହ ସହେତେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ହେଲେ ସାମିଲ୍ ।

- ଆଏବା କାଏଲ୍ ସମ୍ବଲ୍‌ପୁର୍ ନ ଏକତା ପଦଯାତ୍ରାଥି ଦେବେ ଯୋଗ ।

ପ୍ରଧାନ୍ ବିଚାର୍‌ପତି ଶପଥ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସୁପ୍ରିମ୍‌କୋର୍ଟର ୫୩ ତମ ପ୍ରଧାନ୍ ବିଚାର୍‌ପତି ଭାବେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଆଏଜ୍ ଶପଥ୍ ନେଇଛନ୍ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଆଉ ଗୋପନୀୟତାର୍ ଶପଥ୍ ପାଠ କରେଇଛନ୍ । ଶପଥ୍ ଗ୍ରହଣ୍ ଉତ୍ସବ୍‌ଥି ବ୍ରାଜିଲ୍ ସହେତେ ଭୂଟାନ୍, କେନିଆ, ମାଲେସିଆ, ମରିସସ୍, ନେପାଲ୍ ଆଉ ଶ୍ରୀଲଙ୍କାର ପ୍ରଧାନ୍ ବିଚାର୍‌ପତିମାନେ ଉପସ୍ଥିତ୍ ଥିଲେ । ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସହେତେ ଅଲ୍‌ଗା ସିଆନ୍ ସୁଜନ୍ ମାନେ ସମାରୋହଥି ସାମିଲ୍ ହେଇଥିଲେ । ଜଷ୍ଟିସ୍ ସୂର୍ଯ୍ୟକାନ୍ତ ପ୍ରଧାନ୍ ବିଚାର୍‌ପତି ଭାବେ ୧୪ ମାସ୍ କାମ୍ କର୍‌ବେ । ୨୦୦୪ ମସିହାଥି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ପଞ୍ଜାବ୍ ଆଉ ହରିଆଣା ହାଇକୋର୍ଟ ନ ବିଚାର୍‌ପତି ଭାବେ ନିଯୁକ୍ତି ପାଇଥିଲେ । ୨୦୧୮ ମସିହାଥି ହିମାଚଲ୍ ପ୍ରଦେଶ୍ ହାଇକୋର୍ଟର ମୁଖ୍ୟ ବିଚାର୍‌ପତି, ୨୦୧୯ ମସିହାଥି ସୁପ୍ରିମ୍‌କୋର୍ଟର ବିଚାର୍‌ପତି ଭାବେ ଦାୟିତ୍ୱ ତୁଲେଇଛନ୍ । ପ୍ରଧାନ୍ ବିଚାର୍‌ପତି ବି.ଆର୍. ଗବାଇ ଗଲାକାଏଲ୍ ଅବସର୍ ନେଇଛନ୍ ।

ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ୍ ଶୁଣାଣି/ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍ ଆଏଜ୍ ଭୁବ୍‌ନେଶ୍ୱର୍ ୟୁନିଟ୍- ୨ ନ ଥିବା ଆଘର୍ ସର୍‌କାରୀ ପ୍ରାଥମିକ ବିଦ୍ୟାଲୟ ନ ହେଇଯାଇଛେ । ଇଥି ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ମନ୍ତ୍ରୀମଣ୍ଡଲର୍ ୮ ଝନ୍ ବରିଷ୍ଠ ମନ୍ତ୍ରୀ ଉପସ୍ଥିତ୍ ରହିକରି ଲୁକ୍‌କର୍ ଅଭିଯୋଗ୍ ଶୁନିଛନ୍ । ଅଭିଯୋଗ୍ ପ୍ରକୋଷ୍ଠ ଜରିଏ ଗଲା ୧୪ ଟା ପାଲିତକ୍ ରଖାଯାଇଥିବା ୧୨ ହଜାର୍ ୯ ଶହ ୫୦ ଟା ଅଭିଯୋଗ୍ ଭିତ୍‌ରୁ ୧୨ ହଜାର୍ ୩ ଶହ ୭୧ ଟା ଅଭିଯୋଗ୍‌ର ସମାଧାନ୍ କରାଯାଇଛେ । ବାକି ରହିଥିବା ୫ ଶହ ୭୯ ଟା ଅଭିଯୋଗ୍‌ର ବିଚାର୍ ଚାଲିଛେ । ଇ ଅବ୍‌ସରେ ଗଣମାଧ୍ୟମ୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍, ତାଙ୍କର୍ ସର୍‌କାର୍ ହେଉଛେ ଲୁକ୍‌କର୍ ସର୍‌କାର୍ । ଲୁକ୍‌କୁ ସବୁପ୍ରକାର୍ ମୌଲିକ୍ ସୁବିଧା ସୁଯୋଗ୍ ଆଉ ସାହାଜ୍ ଦେବାର୍ ଦିଗେ ତାଙ୍କର୍ ସର୍‌କାର୍ କାମ୍ କରୁଛନ୍ । ସେ ଆହୁରି କହିଛନ୍, ଜିଲ୍ଲାସ୍ତର୍‌ଥି ନିୟମିତ ଭାବେ ଜିଲ୍ଲାପାଲ୍‌ଙ୍କର୍ ତର୍‌ଫୁ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍ କରାଯାଉଛେ । ଇତାର୍‌ଜରିଏ ସ୍ଥାନୀୟ ପ୍ରଶାସନ୍ ତର୍‌ଫୁ ସମସ୍ୟାମାନ୍‌କର ସମାଧାନ୍ କରାଯାଇପାରୁଛେ । ହେଥିର୍‌ଲାଗି ସେମାନ୍‌କୁ ଭୁବ୍‌ନେଶ୍ୱର୍‌କେ ଆଏବାର୍‌କେ ନାଇଁ ପଡ଼୍‌ବାର୍ ।

ରାଜ୍ୟ ମନ୍ତ୍ରୀ ପରିଷଦ୍‌ର ବୈଠକ    ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ରାଜ୍ୟ ମନ୍ତ୍ରୀ ପରିଷଦ୍‌ର ବୈଠକ୍ ମୁଲ୍ ହେଇଛେ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଚାଲିଥିବା ବୈଠକ୍‌ଥି ୨୦୨୫ -୨୬ ଆର୍ଥିକ୍ ବଛର୍ ଲାଗି ବିଧାନ୍‌ସଭାଥି ଆଗତ୍ ହେବାର୍‌କେ ଥିବାର୍ ଅତିରିକ୍ତ ବଜେଟ୍‌କେ ଅନୁମୋଦନ୍ ମିଲ୍‌ବା ବଲି ଆମର୍ ସମ୍ବାଦଦାତା ଜନେଇଛନ୍ । ମିଲିଥିବା ସୂଚ୍‌ନା ଅନ୍‌ସାରେ ବୈଠକ୍‌ଥି ଇ ଆର୍ଥିକ୍ ବଛର୍ ଲାଗି ପାଖାପାଖି ୧୨ ହଜାର୍ କୋଟି ଟଙ୍କାର୍ ଅତିରିକ୍ତ ବଜେଟ୍‌କେ ଅନୁମୋଦନ୍ ମିଲ୍‌ବାର୍ ସମ୍ଭାବନା ରହିଛେ ।

ଧାନ୍ ଘିନା       ହି.ସ.

ରାଏଜେ ଆଏବା କାଏଲ୍‌ଠାନୁ ଧାନ୍ ଘିନା ପ୍ରକ୍ରିୟା ମୁଲ୍ ହେବା ବଲି ସମବାୟ ମନ୍ତ୍ରୀ ପ୍ରଦୀପ୍ ବଲସାମନ୍ତ କହିଛନ୍ । ଚାଷୀମାନ୍‌କର୍ ଲାଗି ମଣ୍ଡି ମାନ୍‌କେ ଇଥର ଖାସ୍ ବ୍ୟବସ୍ଥା କରାଯାଇଛେ । ଠିକ୍ ସମିଆଥି ଗାଡ଼ି ପହଁଚାବାର୍ ଲାଗି ମିଲ୍ ମାଲିକ୍‌ମାନ୍‌କୁ ନିର୍ଦ୍ଦେଶ୍ ଦିଆଯିବାର୍ ସହେତେ ଧାନ୍ ଘିନା ଉପ୍‌ରେ ନଜର୍ ରଖିବାର୍‌କେ ଅଧିକାରୀମାନ୍‌କୁ ପରାମର୍ଶ ଦିଆଯାଇଛେ । କଟ୍‌ନୀ ଛଟ୍‌ନୀ ଉପ୍‌ରେ ସର୍‌କାର୍ ନଜର୍ ରଖିଛନ୍ ବଲି ମନ୍ତ୍ରୀ ଶ୍ରୀ ବଲସାମନ୍ତ

କହିଛନ୍ । ଧାନ୍ ଘିନା କମିଟି ବୈଠକ୍‌ନୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଧାନ୍ ବିକ୍ରି ଲାଗି ୧୯ ଲାଖ୍ ୬୮ ହଜାର୍ ଚାଷୀ ନାଁ ପଞ୍ଜିକରଣ୍ କରିଛନ୍ । ଗଲାବଛର୍ ୧୭ ଲାଖ୍ ୫୦ ହଜାର୍ ଚାଷୀ ପଞ୍ଜିକରଣ୍ କରିଥିଲେ । ଇ ବଛର୍ ଦୁହି ଖରିଫ୍ ଆଉ ରବି ଋତୁ ଲାଗି ୫୩ ଲାଖ୍ ମେଟ୍ରିକ୍ ଟନ୍ ଧାନ୍ ଠୁଲାବାର୍ ଲାଗି ଲକ୍ଷ୍ୟ ରଖାଯାଇଥିବାର୍ ଜନାପଡ଼ିଛେ ।

ଓଟିଇଟି-୨୦୨୫ କଟକ୍ ସମ୍ବାଦଦାତା

ମାଧ୍ୟମିକ୍ ଶିକ୍ଷା ପରିଷଦ୍ ପରିଚାଲିତ୍ -ଓଟିଇଟି-୨୦୨୫ ର ଫର୍ମ ପୂରଣ୍ ତାରିଖ୍ ଆଏବା ୨୭ ତାରିଖ୍‌ତକ୍ ବଢ଼ାଯାଇଛେ । ସାରା ରାଏଜ୍‌ର ଛାତ୍ରଛାତ୍ରୀମାନ୍‌କର୍ ଅନୁରୋଧ୍‌କେ ନଜର୍‌ଥି ରଖିକରି ବୋର୍ଡ଼ ତର୍‌ଫୁ ଫର୍ମ ପୂରଣ୍ ସମିଆକେ ବଢ଼ାଯାଇଛେ । ହେଲେ ଇତାକେ ଆଉ ଅଏତ୍‌କା ବଢ଼ା ନାଇଁ ଯାଏ ବଲି ବୋର୍ଡ଼ ତର୍‌ଫୁ କୁହାଯାଇଛେ ।

ସମବାୟ ସପ୍ତାହ ସମ୍ବଲପୁର ସମ୍ବାଦଦାତା

ସମବାୟ ଆମର୍ ସମାଜ୍‌ର ଅବିଚ୍ଛେଦ୍ୟ ଅଙ୍ଗ । ଇଟା ଖାଲି ବ୍ୟବସାୟିକ ମୋଡ଼େଲ୍ ନୁହେଁ, ଇଟା ହେଉଛେ ଗୁଟେ ବିଚାର୍

ବଲି    କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ସର୍ବଭାରତୀୟ ୭୨ ତମ ସମବାୟ ସପ୍ତାହ ପାଲନ୍ ଅବ୍‌ସରେ ସମ୍ବଲ୍‌ପୁର୍ ତପସ୍ୱିନୀ ହଲ୍  ଜିଲ୍ଲାସ୍ତରୀୟ ସମବାୟ ସପ୍ତାହ ସମାରୋହଥି୍ ମୁଖ୍ୟଅତିଥି୍ ଭାବେ ଆଏଜ୍ ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍, ମଧୁବାବୁଙ୍କର୍ ଉତ୍କଳ ଟେନେରୀ ହେଉ କି ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍‌ଙ୍କର୍ ପ୍ରେରିତ ଅମୁଲ୍ ବାଗିର୍ ସଂସ୍ଥା ମାନେ ହେଉଛନ୍ ସମବାୟର୍ ଶକ୍ତିଶାଳୀ ଉଦାହରଣ୍ ।

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ଏଛେନ୍ ଜିଲ୍ଲା ନ ୮୦ ଟା ପେକ୍ସ ରହିଛେ । ସମବାୟ ସମିତି ଚାଷୀମାନ୍‌କୁ ଋଣ ଯୁଗାବାର୍ ସହେତେ ଧାନ୍ ଭିଲ୍ ଘିନ୍‌ସି । ସମବାୟ ବିଭାଗ୍ ଯଦି ଲୁକ୍‌କର୍ ସମସ୍ୟାର୍ ସମାଧାନ୍ କରିପାର୍‌ବା ବେଲେ ଇ ସମବାୟ ହପ୍ତା ପାଲନ୍ କର୍‌ବାର୍‌ଟା ସଫଲ୍ ହେବା ବଲି ଅତିଥି୍ ମାନେ କହିଛନ୍ । ସମାରୋହଥି୍ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କର୍ ସହେତେ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାୟକ୍, ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର, ଉତରାଂଚଲ୍ ରାଜସ୍ୱ କମିଶନର୍, ସମ୍ବଲ୍‌ପୁର୍ ଜିଲ୍ଲାପାଲ୍‌ଙ୍କର୍ ସହେତେ ଅଲ୍‌ଗା ଅଧି୍କାରୀମାନେ ଉପସ୍ଥିତ୍ ଥି୍ଲେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ-ସମ୍ବଲ୍‌ପୁର୍ ଚିଡ଼ିଆଖାନା/ସମ୍ବଲପୁର ସମ୍ବାଦଦାତା

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ସମ୍ବଲ୍‌ପୁର୍ ଚିଡ଼ିଆଖାନାର ବାଘ, ମଗର୍ ଆର୍ ଘଡ଼ିଆଲ୍ ଖୁଆଡ଼ର ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ । ଇ ଅବ୍‌ସରେ କେନ୍ଦ୍ରମନ୍ତ୍ରୀ କହିଛନ୍, ଇ ପଦକ୍ଷେପ୍ ଜୀବଜନ୍ତୁ ସଂରକ୍ଷଣ୍ ଦିଗେ ଆମର୍ ଦୃଢ଼ ସଂକଳ୍ପର୍ ପ୍ରତୀକ୍ ଆଏ । ପ୍ରାଣୀ ଉଦ୍ୟାନ୍‌ର ଉନ୍ନତିକରଣ୍ ଜରିଏ ଇଟା ଜାତୀୟସ୍ତରଥି ଗୁଟେ ଆକର୍ଷଣୀୟ ପର୍ଯ୍ୟଟନ୍ କେନ୍ଦ୍ର ଭାବେ ଗନାଯିବା । ସେ ଆହୁରି କହିଛନ୍, ସମ୍ବଲ୍‌ପୁର୍ ଚିଡ଼ିଆଖାନାକେ ୪ ଟା ମହାବଳ ବାଘ୍ ଆସ୍‌ବେ । ଇଥିର୍‌ଲାଗି ଜାତୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ ଅନୁମତି ଦେଇଛନ୍ । ସେନ୍ତା ମଗର୍ ଆର୍ ଘଡ଼ିଆଲ୍ ପ୍ରଜାତିର୍ କୁମ୍ଭୀର୍ ଭିଲ୍ ସମ୍ବଲ୍‌ପୁର୍ ଚିଡ଼ିଆଖାନା ନ ରହେବେ । ତାଙ୍କର୍ ଲାଗି ସ୍ୱତନ୍ତ୍ର ଖୁଆଡ଼୍ ତିଆର୍ କରାଯାଉଛେ । ଇ ଅବ୍‌ସରେ କେନ୍ଦ୍ରଶିକ୍ଷା ମନ୍ତ୍ରୀଙ୍କର୍ ସହେତେ ରାଜ୍ୟ ପଂଚାୟତିରାଜ୍ ମନ୍ତ୍ରୀ ରବି ନାରାୟଣ୍ ନାୟକ୍ ଉପସ୍ଥିତ୍ ଥିଲେ ।

ସାଂସଦ୍ ଖେଲ୍ ମହୋତ୍ସବ୍ ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁର୍ ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ୍ ନ ଚାଲିଥିବା ସାଂସଦ୍ ଖେଲ୍ ମହୋତ୍ସବ୍ ଆଏଜ୍ ଉଦଯାପିତ୍ ହେଇଛେ । କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ତାଙ୍କର୍ ସାଙ୍ଗେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍, ପଂଚାୟତିରାଜ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍, ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ଉପସ୍ଥିତ୍ ଥିଲେ । ଖେଲ୍ ମହୋତ୍ସବ୍‌ଥି ୬ ଟା ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀନୁ ଭିନ୍ ଭିନ୍ କ୍ରୀଡ଼ା ଲାଗି ୫୦ ହଜାର୍‌ନୁ ଅଏତ୍‌କା ଖେଲାଲି ଭାଗ୍ ନେଇଥିବାର୍ ବେଲେ ଫାଇନାଲ୍ ଖେଲ୍‌ଥି ୧୫ ଶହ ଖେଲାଲି ସାମିଲ୍ ଥିଲେ । ଶେଷେ ଭିନ୍ ଭିନ୍ ଖେଲ୍‌ଥି ଭଲ୍ ପ୍ରଦର୍ଶନ୍ କରିଥିବା ଖେଲାଲିମାନ୍‌କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ଇ ଅବ୍‌ସରେ ସମ୍ବଲ୍‌ପୁର୍‌ର ୯ ଟା ବ୍ଲକ୍ ନ ସ୍ପୋର୍ଟସ୍ କମ୍ପ୍ଲେକ୍ସ ତିଆର୍ କର୍‌ବାର୍‌କେ ଯୋଜ୍‌ନା ରହିଛେ ବଲି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ ।

(ଭଏସ୍ ଓଭର୍- ସୂର୍ଯ୍ୟବଂଶୀ ସୂରଜ୍)

ଏକତା ପଦଯାତ୍ରା            ସମ୍ବଲପୁର ସମ୍ବାଦଦାତା

ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍‌ଙ୍କର୍ ଶହେ ୫୦ ତମ ଜୟନ୍ତୀ ପାଳନ୍ ଅବ୍‌ସରେ ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଆଏବା କାଏଲ୍ ଗୁଟେ ଏକତା ପଦଯାତ୍ରାର୍ ଆୟୋଜନ୍

କରାଯାଉଛେ । ପଦଯାତ୍ରା ସଖାଲର୍ ୮ ବଜେ ରିଜର୍ଭ ପୁଲିସ୍ ପଡ଼ିଆନୁ ବାହାରିକରି ସର୍କାରୀ ମହିଳା ମହାବିଦ୍ୟାଳୟ ତକ୍ ଯିବା । ଇ ପଦଯାତ୍ରାଥି କେନ୍ଦ୍ରଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍, ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଆଉ ଅଲ୍ଗା ମନ୍ତ୍ରୀ, ବିଧାୟକ୍, ପ୍ରଶାସନିକ୍ ଅଧିକାରୀ, କଲେଜ୍ ଆଉ ସ୍କୁଲ୍ ଛାତ୍ରଛାତ୍ରୀମାନେ ସାମିଲ୍ ହେବାର୍ କାର୍ଯ୍ୟସୂଚୀ ରହିଛେ ।

ଧର୍ମେନ୍ଦ୍ରଙ୍କର୍ ପରଲୋକ ଆର୍ଏନ୍ୟୁ/ ସମ୍ବଲପୁର/ଏକ୍ସ

ବଲିଉଡ୍ର ବିଶିଷ୍ଟ ଅଭିନେତା ଧର୍ମେନ୍ଦ୍ର ଦେଓଲ୍ଙ୍କର୍ ଆଏଜ୍ ୮୯ ବଛର୍ ବୟେସେ ପରଲୋକ୍ ହେଇଯାଇଛେ । ଶାରୀରିକ୍ ଅସୁସ୍ଥତା କାରଣ୍ନୁ ମୁମ୍ବାଇ ନ ତାକର୍ ଘରେ ଚିକିତ୍ସାଧୀନ୍ ଅବସ୍ଥାଥି ମୃତ୍ୟୁ ହେଇଛେ । ମୁମ୍ବାଇର୍ ଭିଲେପାଲେ ନ ଥିବା ଶ୍ମଶାନ୍ ଘାଟ୍ ନ ଧର୍ମେନ୍ଦ୍ରଙ୍କର୍ ଶେଷକୃତ୍ୟ ହେବାର୍କେ ଥିବାର୍ ବେଲେ ସେନ ତାଙ୍କର୍ ଶେଷ୍ ଦର୍ଶନ୍ ଲାଗି ପ୍ରଶଂସକ ମାନେ ପୁହୁଁଚିଛନ୍ । ଇନ ଜନେଇ ଦିଆଯାଇପାରେ, ଧର୍ମେନ୍ଦ୍ର ୬ ଦଶନ୍ଧିନୁ ଅଏତ୍କା ସମିଆ ହେଲା ସିନ୍ମା ଦୁନିଆଥି ନିଜର୍ ଅଭିନୟର୍ ଲାଗି 'ହି-ମେନ୍' ଭାବେ ପରିଚିତ୍ ଥିଲେ । ସୋଲେ, ଚୁପ୍ଚୁପ୍କେ, ସତ୍ୟକାମ୍, ଗୁଲାମୀ ବାଗିର୍ ଚଳଚ୍ଚିତ୍ରଥି ସେ ଅଭିନୟ

କର୍‌ବାର୍ ସହେତେ ବେତାବ୍ ଆଉ ଘାୟଲ୍ ବାଗିର୍ ଲୋକପ୍ରିୟ ଚଳଚ୍ଚିତ୍ରର୍ ପ୍ରଯୋଜନା କରିଥିଲେ । ତାଙ୍କର୍ ପରଲୋକ୍‌ଥି ସିନ୍‌ମା ଜଗତ୍ ନ ଶୋକର୍ ଛାୟା ଖେଳିଯାଇଛେ । ସେଆଡ଼େ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ସହେତେ ଅଲ୍‌ଗା ବିଶିଷ୍ଟ ବ୍ୟକ୍ତିମାନେ ଧର୍ମେନ୍ଦ୍ରଙ୍କର୍ ମୃତ୍ୟୁଥି ଶୋକପ୍ରକାଶ୍ କରିଛନ୍ ।

ଏକତା ପଦଯାତ୍ରା          ସୁବର୍ଣ୍ଣପୁର୍ / କଳାହାଣ୍ଡି ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ନ ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍‌ଙ୍କର୍ ଶହେ ୫୦ ତମ ଜୟନ୍ତୀ ଅବ୍‌ସରେ ଆଏଜ୍ ଏକତା ପଦଯାତ୍ରା ହେଇଯାଇଛେ । ପଦଯାତ୍ରାଥି ସାଂସଦ୍ ସଂଗୀତା କୁମାରୀ ସିଂହଦେଓ ସାମିଲ୍ ହେଇକରି ଦେଶର୍ ଅଖଣ୍ଡତା, ଜାତୀୟ ସଂହତି ଆଉ ଏକତାକେ ବଜାୟ ରଖିବାର୍ ଲାଗି ସମ୍‌କୁ ପରାମର୍ଶ ଦେଇଥିଲେ ।

ସେନ୍ତା କଳାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ଠାନେ ହେଇଥିବା ଏକତା ପଦଯାତ୍ରାଥି କଳାହାଣ୍ଡି ସାଂସଦ୍ ମାଳବିକା ଦେବୀ ଯୋଗ୍ ଦେଇକରି ସର୍ଦ୍ଦାର୍ ବଲ୍ଲଭ୍ ଭାଇ ଅଖଣ୍ଡ ଭାରତ୍ ନିର୍ମାଣ ଲାଗି ଯେନ୍ ତ୍ୟାଗ କରିଥିଲେ, ସେଟା ସମ୍‌କର୍ ଲାଗି ସୁର୍‌ତା ହେଇ ରହେବା ବଲି କହିଛନ୍ । କାର୍ଯ୍ୟକ୍ରମ୍‌ଥି ଛାତ୍ରଛାତ୍ରୀ ଆଉ ବୁଦ୍ଧିଜୀବୀମାନେ ସାମିଲ୍ ହେଇଥିଲେ ।

ପାଣିପାଗ       ଆର୍ଏନ୍ୟୁ/ ସମ୍ବଲପୁର

ଦକ୍ଷିଣ ଆଣ୍ଡାମାନ୍ ସାଗର୍ ନ ହେଇଥିବା ଲଘୁଚାପ୍ କ୍ଷେତ୍ର ଆଏଜ୍ ଅବପାତ୍‌ଥି ବଦ୍‌ଲିବାର୍ ସମ୍ଭାବନା ରହିଛେ । ଆଏବା ୪୮ ଘଂଟା ଭିତ୍‌ରେ ଇଟା ପଶ୍ଚିମ- ଉତର୍-ପଶ୍ଚିମ ଦିଗେ ଯାଇକରି ଦକ୍ଷିଣ ବଙ୍ଗୋପ୍‌ସାଗର୍ ନ ବାତ୍ୟା ର ରୂପ୍ ନେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷାର୍ ସମ୍ଭାବନା ରହିଛେ ।

ସମ୍ଭାବ୍ୟ ବାତ୍ୟାକେ ନେଇକରି ସର୍‌କାର୍ ପୁରାପୁରି ତୟାର୍ ଅଛନ୍ । ଆଏବା କାଏଲ୍ ଉତ୍‌ରୁ ବାତ୍ୟା ବାବ୍‌ଦେ ସ୍ୱଷ୍ଟ ସୂଚ୍‌ନା ମିଲ୍‌ବା । ଇତାର୍ ଉତ୍‌ରୁ ଅଲ୍‌ଗା ପ୍ରସ୍ତୁତି ମୁଲ୍ ହେବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ ।